بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୫ ସେପ୍ଟେମ୍ବର ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ଭରସା କରିବା ପରିପ୍ରେକ୍ଷୀରେ ଯୁଗାବତାର ହଜରତ ମସିହ ମଉଦ[ଅ.ସ]ଙ୍କର ପବିତ୍ର ଓ ଆଦର୍ଶମୟ ଜୀବନୀ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଗତ **ଖୁତ୍‌ବାରେ** ମୁଁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ପବିତ୍ର ଜୀବନୀର ବର୍ଣ୍ଣନା କରିବାକୁ ଯାଇ **ତଓ୍ୱକ୍କୁଲ୍** (ଈଶ୍ୱର ଭରସା)ର ସର୍ବୋଚ୍ଚ ସ୍ତର ବିଷୟରେ କହି ଆସୁଥିଲି । ଚଳିତ ଯୁଗରେ ମହାଭାଗଙ୍କ ସଚ୍ଚୋଟ ଦାସ ହଜରତ ମସିହ ମଉଦ[ଅ.ସ] ପୁଣ୍ୟଶ୍ଳୋକଙ୍କ ଆଦର୍ଶ ଅନୁଯାୟୀ ଏହାକୁ ଆମ ପାଇଁ କିପରି ବର୍ଣ୍ଣନା କରିଛନ୍ତି, କି ଶିକ୍ଷା ଦେଇଛନ୍ତି ଏବଂ ଏହା ଉପରେ କିପରି କାର୍ଯ୍ୟାନୁସରଣ କରିଛନ୍ତି ? ଏହି ସନ୍ଦର୍ଭରେ ଆଜି ମୁଁ କିଛି ଆଲୋଚନା କରିବି ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; **ତଓ୍ୱକ୍କୁଲ୍**ର ଅର୍ଥ କୌଣସି କାର୍ଯ୍ୟ ହାସଲ କରିବା ପାଇଁ ଅଲ୍ଲାଃତାଲା ଯେଉଁ ସବୁ ଉପାୟ ନିର୍ଦ୍ଧାରିତ କରିଛନ୍ତି, ସେଗୁଡ଼ିକୁ ଯଥାସମ୍ଭବ ଏକତ୍ରିତ କରିବା ଓ ତା'ପରେ ନିଜେ ପ୍ରାର୍ଥନାରେ ନିମଗ୍ନ ହୋଇଯିବା ଯେ ହେ ଈଶ୍ୱର ! ତୁମେ ହିଁ ଏହାର ପରିଣାମ ମଙ୍ଗଳମୟ କର । ଶହ ଶହ ବିପଦ ଓ ହଜାର ହଜାର କଷ୍ଟ ଅଛି, ଯାହା ଏହି ଉପାୟ ତଥା ସାଧନଗୁଡ଼ିକୁ ମଧ୍ୟ ନଷ୍ଟ ଓ ଛତ୍ରଭଙ୍ଗ କରି ଦେଇପାରେ । ସେଗୁଡ଼ିକର ବିନାଶରୁ ରକ୍ଷା କରି ଆମକୁ ସଫଳ କରିବା ସହ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଅ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] ଏହି ବିଷୟ ବ୍ୟାଖ୍ୟାତ୍ମକ ଭାବେ ବର୍ଣ୍ଣନା କଲେ ଯେ ମନୁଷ୍ୟ ଉପାୟ ଓ ମାଧ୍ୟମର ଉପଯୋଗ କରିଥାଏ । କିନ୍ତୁ ଅନେକ ବିପଦ ଏପରି ରହିଛି, ଏପରି ସ୍ଥିତି ଉତ୍ପନ୍ନ ହୋଇପାରେ ଯେ ଯେଉଁ ଉପାୟଗୁଡ଼ିକ ଉପରେ ଭରସା ଥାଏ, ସେଗୁଡ଼ିକ ହିଁ ନଷ୍ଟ ହୋଇଯାଏ । ଏଥିପାଇଁ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ମାଗିବା ଉଚିତ୍ ଯେପରି ଅଲ୍ଲାଃ ଆମକୁ ଏହାର କୁପ୍ରଭାବରୁ ରକ୍ଷା କରନ୍ତୁ । ଏହା ସେହି ସ୍ଥିତି ଯାହାର ପାଳନ କରି ଜଣେ ମୁସଲମାନ ଅର୍ଥାତ୍ ବିଶ୍ୱାସକାରୀ ଅଲ୍ଲାଃଙ୍କ କୃପାର ଅଧିକାରୀ ହୋଇପାରିବ ।

ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ଅଲ୍ଲାଃତାଲାଙ୍କ ଉପରେ ସନ୍ତୁଷ୍ଟ ହୋଇଯିବା ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ସମ୍ଭବ ନୁହେଁ । ବରଂ ଏହା **ତଓ୍ୱକ୍କୁଲ୍, ତବତୁଲ୍** ଓ ସମର୍ପଣର ସର୍ବୋଚ୍ଚ ସ୍ତର, ଯେଉଁଠାରେ ପହଞ୍ଚି ମଣିଷ ନିଜ ପ୍ରଭୁଙ୍କ ପ୍ରତି କୌଣସି ପ୍ରକାରର ଅଭିଯୋଗ କିମ୍ବା ଅସନ୍ତୋଷ ଭାବ ପ୍ରକଟ କରେ ନାହିଁ । ଅଲ୍ଲାଃତାଲା ନିଜ ଭକ୍ତ ଉପରେ ସନ୍ତୁଷ୍ଟ ହେବା, ଭକ୍ତର ପୂର୍ଣ୍ଣ ସତ୍ୟତା, ନିଷ୍ଠା, ଉଚ୍ଚକୋଟୀର ପବିତ୍ରତା ଓ ସମ୍ପୂର୍ଣ୍ଣ ଆଜ୍ଞାକାରିତା ଉପରେ ନିର୍ଭର କରେ । **ଏଥିରୁ ଜଣା ପଡେ ଯେ ସାହାବାମାନେ ଜ୍ଞାନ ଓ ସାଧନାର ସମସ୍ତ ଶୋପାନ ଅତିକ୍ରମ କରି ସାରିଥିଲେ** । ଅତଏବ ସହାବାମାନେ ଅଲ୍ଲାଃତାଲାଙ୍କ ସହିତ

ସମ୍ପର୍କ ଓ **ତଓ୍ୱକ୍କୁଲ୍**ର ସେହି ସ୍ତର ପ୍ରାପ୍ତ କରିଥିଲେ, ଯାହାକୁ ଆମ ପାଇଁ ଆଦର୍ଶ କରାଯାଇଛି ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଯୁଗାବତାର ହଜରତ ମସିହ ମଉଦ[ଅ.ସ] ନିଜ ଅନୁଗାମୀମାନଙ୍କୁ ସୁଯୋଗ ଅନୁସାରେ **ତଓ୍ୱକ୍କୁଲ୍**ର ଉପଦେଶ ଦେଉଥିଲେ । ଗୋଟିଏ ବର୍ଣ୍ଣନାରେ ଉଲ୍ଲେଖ ରହିଛି, ହଜରତ ମାଷ୍ଟର ନଜୀର୍ ହୁସେନ୍ ସାହେବ[ର.ଅ] ବର୍ଣ୍ଣନା କରନ୍ତି, ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ଏହା ଚିନ୍ତା କର ନାହିଁ ଯେ ଅଲ୍ଲାଃତାଲା ଦୁର୍ବଳ । ନା, ସେ ମହାଶକ୍ତିଶାଳୀ । ଯେତେବେଳେ ତୁମେ କୌଣସି ବିଷୟରେ ତାଙ୍କ ଉପରେ ଭରସା କରିବ, ସେ ନିଶ୍ଚିତ ଭାବରେ ତୁମର ସାହାଯ୍ୟ କରିବେ । ଯେପରି ସେ ନିଜେ କୁହନ୍ତି; **وَمَنْ يَّتَوَكَّلْ عَلَى اللّٰهِ فَهُوَ حَسْبُهٗ ଓ୍ୱମଇଁ ଯତଓକ୍କଲ୍ ଅଲଲ୍ଲାହି ଫହୁଓ୍ୱା ହସବୁହ୍** ଅର୍ଥାତ୍ ଯେ କେହି ଅଲ୍ଲାଃଙ୍କ ଉପରେ ଭରସା କରେ, ଅଲ୍ଲାଃ ତା' ପାଇଁ ଯଥେଷ୍ଟ ହୋଇଯା'ନ୍ତି ।

ସୌଭାଗ୍ୟଶାଳୀ ଲୋକଙ୍କ ଗୁଣ ବର୍ଣ୍ଣନା କରି ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ଗୋଟିଏ ସ୍ଥାନ ହେଉଛି, ମକାମେ **ତଓ୍ୱକ୍କୁଲ୍** ଯେଉଁଥିରେ ସେମାନଙ୍କୁ ଅତ୍ୟନ୍ତ ଦୃଢ଼ତାର ସହିତ ପ୍ରତିଷ୍ଠିତ କରାଯାଏ । ସେମାନଙ୍କ ବ୍ୟତୀତ ଅନ୍ୟ କାହାରିକୁ ସେହି ନିର୍ମଳ ଝରଣା ଆଦୌଁ ପ୍ରାପ୍ତ ହୋଇପାରିବ ନାହିଁ । ବରଂ ସେମାନଙ୍କ ପାଇଁ ହିଁ ତାହା ଆନନ୍ଦଦାୟକ ଓ ଅନୁକୂଳ କରିଦିଆଯାଏ । **ନୂରେ ମାରୁଫତ୍** (ଜ୍ଞାନର ଆଲୋକ) ସେମାନଙ୍କୁ ଏପରି ସମ୍ଭାଳି ରଖିଥାଏ ଯେ ସେମାନେ ଅନେକ ସମୟରେ ନାନା ପ୍ରକାର ସାଧନହୀନତା ମଧ୍ୟରେ ଥାଇ ଏବଂ ସାଧାରଣ ଉପାୟଗୁଡ଼ିକରୁ ନିଜକୁ ସମ୍ପୂର୍ଣ୍ଣ ଦୂରରେ ପାଇ ମଧ୍ୟ ଏପରି ପ୍ରସନ୍ନତା ଓ ଉଲ୍ଲାସ ମନର ସହିତ ଜୀବନ ବିତାନ୍ତି । ଆଉ ଏପରି ସୁଖ ସମୃଦ୍ଧିରେ ନିଜ ଦିନଗୁଡ଼ିକୁ କାଟନ୍ତି ଯେପରି ସେମାନଙ୍କ ପାଖରେ ହଜାର ହଜାର ଧନଭଣ୍ଡାର ରହିଛି । ସେମାନଙ୍କ ମୁହଁରେ ଧନୀ ହେବାର ସତେଜତା ଦେଖାଯାଏ ଓ ଧନବାନ ହେବାର ଦୃଢ଼ତା ପ୍ରକାଶ ପାଏ ତଥା ସଂକଟ ସମୟରେ ପୂର୍ଣ୍ଣ ଉଦାରତା ଓ ପୂର୍ଣ୍ଣ ବିଶ୍ୱାସ ସହିତ ନିଜ ଦୟାଳୁ ପ୍ରଭୁଙ୍କ ଉପରେ ଆସ୍ଥା ରଖନ୍ତି ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଯେଉଁମାନଙ୍କର ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ଥାଏ ସେମାନେ କଷ୍ଟ ଓ ସଂକଟ ସମୟରେ ଅଲ୍ଲାଃତାଲାଙ୍କ ଉପରେ ଭରସା ରଖନ୍ତି ଓ ତାଙ୍କ ଠାରୁ ଦୂରକୁ ଯାଆନ୍ତି ନାହିଁ । ସେମାନଙ୍କ ମନରେ ଏପରି ଭାବନା ଆସେ ନାହିଁ, ଯେ ଜଣା ନାହିଁ କ'ଣ ହେଉଛି, କ'ଣ ନୁହେଁ ? ଏହା ବିପଦ କି ଆମର ପରୀକ୍ଷା, ନା ଆମ ପାଇଁ ଶାସ୍ତି ? ଯଦି ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ଭରସା ଅଛି ଓ ତାଙ୍କର ଅଧିକାରଗୁଡ଼ିକୁ ପୂରଣ କରାଯାଉଛି ତେବେ ନିଶ୍ଚିତ ଭାବରେ ଅଲ୍ଲାଃତାଲା କରୁଣା ପ୍ରଦାନ କରନ୍ତି । ହଜରତ ମସିହ ମଉଦ[ଅ.ସ] କହିଛନ୍ତି, **ତଓ୍ୱକ୍କୁଲ୍** କରୁଥିବା ଓ ଈଶ୍ୱରଙ୍କ ଆଡ଼କୁ ଢ଼ଳୁଥିବା ଲୋକମାନେ କେବେହେଲେ ନଷ୍ଟ ହୁଅନ୍ତି ନାହିଁ । ଯେଉଁ ବ୍ୟକ୍ତି କେବଳ ନିଜ ଚେଷ୍ଟାରେ ଲାଗି ରହେ, ତାକୁ ଅପମାନ ବ୍ୟତୀତ କ'ଣ ଆଉ କିଛି ମିଳେପାରେ ? ପୃଥିବୀ ସୃଷ୍ଟି ହେବା ଦିନଠାରୁ ସଦାସର୍ବଦା ପରାକ୍ରମୀ ଅଲ୍ଲାଃଙ୍କର ଏହି **ସୁନ୍ନତ୍** (ଚିରାଚରିତ ନିୟମ) ଚାଲିଆସିଛି ଯେ ଯେଉଁ ଲୋକମାନେ ସଂସାରକୁ ତ୍ୟାଗ କରନ୍ତି, ସେମାନେ ଏହାକୁ ପାଆନ୍ତି । ଆଉ ଯେଉଁମାନେ ସଂସାର ପଛରେ ଦୌଡ଼ନ୍ତି, ସେମାନେ ଏଥିରୁ ବଞ୍ଚିତ ରହନ୍ତି । ଯେଉଁ ଲୋକମାନେ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ରଖନ୍ତି ନାହିଁ, ସେମାନେ ଯଦି କିଛି ଦିନ ଛଳନା ଓ କପଟତାରେ କିଛି ହାସଲ କରି ବି ନିଅନ୍ତି ତେବେ ତାହା ନିରର୍ଥକ ସାବ୍ୟସ୍ତ ହୋଇଥାଏ । କାରଣ ଶେଷରେ ସେମାନଙ୍କୁ ଭୀଷଣ ବିଫଳତା ଦେଖିବାକୁ ପଡିଥାଏ । ଦେଖ ଇସଲାମର ବିଶିଷ୍ଟ ଲୋକମାନେ ଧର୍ମ ତୁଳନାରେ ସଂସାରର କେବେ କୌଣସି ପରୁଆ କରି ନାହାନ୍ତି ।

ମହାମହିମ ହୁଜୁର ଅନୱ୍ୱର[ଅ.ବ] କହିଲେ; ଯେତେବେଳେ ଅଲ୍ଲାଃତାଲାଙ୍କ ଉପରେ ଭରସା ହିଁ ନାହିଁ ଓ ଧର୍ମକୁ ସଂସାର ଉପରେ ପ୍ରାଥମିକତା ଦେବାର କଳ୍ପନା ହିଁ ନାହିଁ, ଯାହାକୁ ଆମେ ପ୍ରତ୍ୟେକ ପ୍ରତିଜ୍ଞାରେ ପୁନରାବୃତ୍ତି କରିଥାଉ । ଏପରିକି **ଖୁଦ୍ଦାମୁଲ୍ ଅହ୍ମଦିୟା ଇଜ୍‌ତେମା** (ବାର୍ଷିକ ପ୍ରତିଯୋଗୀତା)ରେ ମଧ୍ୟ ତାହାକୁ ଦୋହରାଇ ଥାଉ ତେବେ ଏହି ବିଶ୍ୱାସ ଓ ଆସ୍ଥା ଦୁର୍ବଳତା ଏପରି ବ୍ୟକ୍ତିକୁ ପରଲୋକର ପୁରସ୍କାର ଓ ସୁଖସମ୍ପଦରୁ ମଧ୍ୟ ବଞ୍ଚିତ ରଖିବ । ଏହି ସଂସାରକୁ ସେମାନେ ସବୁକିଛି ମଣି ନେଇଛନ୍ତି ଏବଂ ତାହାକୁ ଲାଭ କରିବାକୁ ମାତି ରହିଛନ୍ତି । କିଛି ଲୋକଙ୍କୁ ମିଳିଗଲା, କିଛି ଏହାକୁ ପାଇବାର ଚେଷ୍ଟାରେ ଏହି ସଂସାରରୁ ବିଦାୟ ନେଇଗଲେ, କିନ୍ତୁ ବିଫଳ ହେଲେ କିମ୍ବା ମିଳିଲା ଓ ତା'ପରେ ନଷ୍ଟ ହୋଇଗଲା । ଆଉ ତା'ପରେ ସେମାନେ ସାଂସାରିକ ଭାବେ ଯନ୍ତ୍ରଣାରେ ଜୀବନ ବିତାଇଲେ । ନା ଧର୍ମର ହେଲେ, ନା ସଂସାରର । ଏହି ବିଷୟରେ ଜଣେ କବି କହିଛନ୍ତି- **ନା ଖୁଦା ହି ମିଲା ନା ୱିସାଲେ ସନମ୍** ଅର୍ଥାତ୍ ନା ଈଶ୍ୱର ମିଳିଲେ ନା ପ୍ରିୟତମଙ୍କ ସାକ୍ଷାତ ଲାଭ ହେଲା ।

ପ୍ରିୟ ହୁଜୁର ଅନୱ୍ୱର[ଅ.ବ] କହିଲେ; ଅଲ୍ଲାଃତାଲା ସ୍ୱୟଂ ହଜରତ ମସିହ ମଉଦ[ଅ.ସ]ଙ୍କ ନାମ **ମୁତୱ୍ୱକିଲ୍** (ଅର୍ଥାତ୍ ଈଶ୍ୱରଙ୍କ ଉପରେ ଭରସାକାରୀ) ରଖିଛନ୍ତି । ଯେପରିକି ହୁଜୁର[ଅ.ସ] କହିଛନ୍ତି; ମସିହଙ୍କ ଅବତରଣର ସଙ୍କେତ ଏହା ଲେଖାଯାଇଛି ଯେ ସେ ଦୁଇଜଣ ଫରିସ୍ତାଙ୍କ ଡ଼େଣା ଉପରେ ନିଜ ହାତପାପୁଲି ରଖିଥିବେ । ଏହା ଏଥିପ୍ରତି ଇଙ୍ଗିତ କଲେ ଯେ ତାଙ୍କର ଡ଼ାହାଣ ଓ ବାମ ହସ୍ତ, ଯାହା ଯୁକ୍ତିଯୁକ୍ତ ଜ୍ଞାନ ଓ ଆଧ୍ୟାତ୍ମିକ ଆଲୋକ ପ୍ରାପ୍ତ କରିବାର ମାଧ୍ୟମ । ଆକାଶିୟ ଫରିସ୍ତା ଯାହାଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ ରହିଛି ଓ ସେମାନେ ଏଥିପାଇଁ ନିୟୋଜିତ ହୋଇଥିବେ ଅର୍ଥାତ୍ ଫରିସ୍ତାମାନେ ତାଙ୍କର ସାହାଯ୍ୟ କରିବେ । ବୁଦ୍ଧିଜ୍ଞାନ, ଆଭ୍ୟନ୍ତରିଣ ପ୍ରକାଶ ତଥା ବ୍ରହ୍ମଜ୍ଞାନ ସମ୍ପନ୍ନ ହିତବାଣୀ ଫରିସ୍ତାମାନଙ୍କ ମାଧ୍ୟମରେ ସମ୍ପାଦନ ହେବ । ଏହାର ତାତ୍ପର୍ଯ୍ୟ ଦୁଇ ଫରିସ୍ତାଙ୍କ ଉପରେ ହସ୍ତ ରଖିବା, ସେମାନଙ୍କ ଉପରେ ନିର୍ଭର । ସେ କୌଣସି ବିଦ୍ୟାଳୟ, ପୁସ୍ତକ କିମ୍ବା ଧର୍ମଗୁରୁମାନଙ୍କ ଠାରୁ ନୁହେଁ, ବରଂ ଅଲ୍ଲାଃତାଲାଙ୍କ ଠାରୁ ପ୍ରଦତ୍ତ ଜ୍ଞାନ ପ୍ରାପ୍ତ କରିବେ । ଅର୍ଥାତ୍ ସେ ସେହି ଜ୍ଞାନ ପାଇବେ ଯାହା ସମ୍ପୂର୍ଣ୍ଣ ଭାବେ ଅଲ୍ଲାଃତାଲା ଶିଖାଇବେ ଓ ତାଙ୍କର ଜୀବନର ଆବଶ୍ୟକତା ଗୁଡ଼ିକର ଭରଣ ତଥା ରକ୍ଷକ ମଧ୍ୟ ଈଶ୍ୱର ହିଁ ହେବେ । ହୁଜୁର[ଅ.ସ] 'ବରାହିନେ ଅହମଦିୟା'ର ଉଦାହରଣ ଦେଇ କହିଛନ୍ତି; ଯେପରି ଦଶ ବର୍ଷରୁ ଏଥିରେ ଏହି ବିନୀତ ବିଷୟରେ ଏହି ଦୈବିବାଣୀ ପ୍ରକାଶିତ ହୋଇସାରିଛି ଯେ **اِنَّكَ بِاَعْيُنِنَا سَمَّيْتُكَ الْمُتَوَكِّلَ وَعَلَّمْنٰهُ مِنْ لَّدُنَّا عِلْمًا** ଅର୍ଥାତ୍ ତୁମେ ଆମ୍ଭ ଆଖି ସାମ୍ନାରେ ଅଛ, ଆମ୍ଭେ ତୁମର ନାମ **ମୁତୱ୍ୱକିଲ୍** ରଖିଲୁ ଏବଂ ସ୍ୱୟଂ ତୁମକୁ ତତ୍ତ୍ୱଜ୍ଞାନ ଶିଖାଇଲୁ ।

ପ୍ରାର୍ଥନା (ଦୁଆ) ଓ **ତୱ୍ୱକୁଲ୍** ସମ୍ବନ୍ଧରେ ହୁଜୁର[ଅ.ସ] କୁହନ୍ତି; ସମସ୍ତ ସମସ୍ୟାର ସମାଧାନ ପ୍ରାର୍ଥନା ଦ୍ୱାରା ହିଁ ହୋଇଥାଏ । ଆମ ଦ୍ୱାରା ଯଦି କାହାର ମଙ୍ଗଳ କରିବାର କିଛି ଉପାୟ ଅଛି ତେବେ ତାହା କେବଳ ଦୁଆର ଏକ ମାତ୍ର ଅସ୍ତ୍ର, ଯାହା ଈଶ୍ୱର ଆମକୁ ପ୍ରଦାନ କରିଛନ୍ତି । ତେଣିକି ତାହା ବନ୍ଧୁ ପାଇଁ ହେଉ କିମ୍ବା ଶତ୍ରୁ ପାଇଁ । ଆମେ କଳାକୁ ଧଳା କିମ୍ବା ଧଳାକୁ କଳା କରିପାରିବୁ ନାହିଁ । ଆମ ହସ୍ତରେ ଗୋଟିଏ ଅଣୁ ଅର୍ଥାତ୍ କ୍ଷୁଦ୍ର କଣିକା ବି ନାହିଁ । କେବଳ ଈଶ୍ୱର ନିଜ ଅନୁଗ୍ରହରୁ ଆମକୁ ଯାହା ପ୍ରଦାନ କରନ୍ତି ।

ପ୍ରାର୍ଥନା ପ୍ରତି ମନୋନିବେଶ କରାଇ ଓ ଈଶ୍ୱରଙ୍କ ଉପରେ ଭରସା କରିବାର ଉପଦେଶ ଦେଇ ହୁଜୁର[ଅ.ସ] କୁହନ୍ତି; ଆତ୍ମ ସୁଧାର ଓ ଶେଷ ପରିଣାମ ମଙ୍ଗଳମୟ ହେବା ପାଇଁ ତଥା ସତ୍‌କର୍ମ କରିବାର ଶକ୍ତି

ପାଇବା ପାଇଁ ଦ୍ୱିତୀୟ ଦିଗଟି ହେଉଛି ପ୍ରାର୍ଥନା । ଏଥିରେ ଜଣେ ବ୍ୟକ୍ତି ଯେତେ ଅଧିକ ଈଶ୍ୱରଙ୍କ ଉପରେ ଭରସା ଓ ନିଷ୍ଠା ରଖିବ ଏବଂ ସେହି ମାର୍ଗରେ ଅକ୍ଳାନ୍ତ ପରିଶ୍ରମ କରି ଓ ଥକି ନପଡି ଆଗକୁ ଅଗ୍ରସର ହେବ । ସେତିକି ହିଁ ଉତ୍ତମ ପରିଣାମ ଓ ଫଳ ପ୍ରାପ୍ତ ହେବ । ତା'ର ସମସ୍ତ ସମସ୍ୟା ଓ ଅସୁବିଧା ଦୂର ହୋଇଯିବ ଓ ସେ **ତକ୍‌ୱା** (ଧର୍ମନିଷ୍ଠତା)ର ଉଚ୍ଚ ସ୍ତରରେ ପହଞ୍ଚିଯିବ । ହୁଜୁର[ଅ.ସ]ଙ୍କ **ତୱକ୍କୁଲ୍**ର ଦିଗକୁ ବର୍ଣ୍ଣନା କରି ଆପଣଙ୍କ ଜୀବନୀ ଲେଖାଳୀ ହଜରତ ଶେଖ୍ ୟାକୁବ୍ ଅଲୀ ସାହେବ ଇରଫାନୀ[ର.ଅ] ଉଲ୍ଲେଖ କରିଛନ୍ତି, ମକଦମାଗୁଡ଼ିକର ପ୍ରସ୍ତୁତିରେ ପୂର୍ଣ୍ଣ ପରିଶ୍ରମ ଓ ପ୍ରଚେଷ୍ଟା କରିବା ସତ୍ତ୍ୱେ ହୁଜୁର[ଅ.ସ] କେବେବି ସେହି ସାଧନଗୁଡ଼ିକ ଉପରେ ଭରସା କରୁ ନଥିଲେ, ବରଂ ପ୍ରାର୍ଥନାର ସାହାରା ନେଉଥିଲେ । ସର୍ବଦା ଈଶ୍ୱରଙ୍କ ସତ୍ତା ହିଁ ମହାଭାଗଙ୍କ ଦୃଷ୍ଟି ସମ୍ମୁଖରେ ରହୁଥିଲା । ସେହି ଉପାସ୍ୟଙ୍କୁ ମାଗୁଥିଲେ ଓ ତାଙ୍କରି ଆଗରେ ସକଳ ଗୁହାରୀ କରୁଥିଲେ ଏବଂ ତାଙ୍କ ଉପରେ ହିଁ ପୂର୍ଣ୍ଣ ଭରସା ଓ ବିଶ୍ୱାସ ରହିଥିଲା ।

ନିଜର ଜଣେ ନିଷ୍ଠାପର ଅନୁଗାମୀଙ୍କୁ ହୁଜୁର[ଅ.ସ] ଦେଇଥିବା ଉପଦେଶ ବିଷୟରେ ହଜରତ ମିର୍ଜା ବଶିର୍ ଅହମଦ ସାହେବ[ର.ଅ] ଗୋଟିଏ ବର୍ଣ୍ଣନାରେ ଉଲ୍ଲେଖ କରିଛନ୍ତି, ହାଫିଜ୍ ନୂର ମୁହମ୍ମଦ ସାହେବ[ର.ଅ] ମୋତେ ଲେଖି ଜଣାଇଥିଲେ ଯେ ହାଫିଜ୍ ହାମିଦ୍ ଅଲୀ ସାହେବ[ର.ଅ]ଙ୍କ ଠାରୁ ମୁଁ ଏହି କଥା ଶୁଣିଥିଲି ଯେ ହଜରତ ମସିହ ମଉଦ[ଅ.ସ] କହିଲେ; ଯଦି କୌଣସି ମକଦମାରେ କିମ୍ବା ଅନ୍ୟ କୌଣସି କାରଣରୁ ବିଚାରପତିଙ୍କ ସାମ୍ନାକୁ ଯିବାକୁ ପଡେ, **ତେବେ ଯିବା ପୂର୍ବରୁ ସାତଥର ସୁରଃ ଫାତିହା ପାଠ କରିନେବା ଉଚିତ୍ ଏବଂ ସାତ ଥର ନିଜ ଆଙ୍ଗୁଠିରେ ନିଜ କପାଳରେ 'ୟା ଅଜୀଜ୍' ଲେଖିନେବା ଉଚିତ୍** । ଏପରି କଲେ ଅଲ୍ଲାଃତାଲା ସଫଳତା ପ୍ରଦାନ କରନ୍ତି ।

ହଜରତ ମିର୍ଜା ବଶିର୍ ଅହମଦ ସାହେବ[ର.ଅ] ଏହା ଉପରେ ନିଜସ୍ୱ ମନ୍ତବ୍ୟ ଦେଇ ଲେଖିଛନ୍ତି, ସମ୍ଭବତଃ **ଗୈରୁଲ୍ଲାଃ** (ଈଶ୍ୱରଙ୍କ ବ୍ୟତୀତ ଅନ୍ୟ ଉପାସ୍ୟ) ଠାରୁ ଅମନୋଯୋଗୀ ହେବା ଅର୍ଥାତ୍ **ଗୈରୁଲ୍ଲାଃ** ଠାରୁ ନିଶ୍ଚିନ୍ତ ସ୍ଥିତି ଓ ଅଲ୍ଲାଃତାଲାଙ୍କ ଉପରେ ସମ୍ପୂର୍ଣ୍ଣ ଭରସାର ସ୍ଥିତି ଉତ୍ପନ୍ନ କରିବା ପାଇଁ ହୁଜୁର[ଅ.ସ] ଏହା କହିଥିବେ । ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ଅଲ୍ଲାଃତାଲାଙ୍କ ଉପରେ  ଭରସାର କରିବାର ଏକ ଅଦ୍ଭୁତପୂର୍ଣ୍ଣ ବୈଶିଷ୍ଟ୍ୟ, ଯାହା ଆମକୁ ହୁଜୁର[ଅ.ସ]ଙ୍କ ଠାରେ ନିଜ ସ୍ୱାମୀ ଓ ପ୍ରିୟ ମୁନିବଙ୍କ ଅନୁସରଣ କରିବା ଫଳରେ ପ୍ରତ୍ୟେକ ସ୍ଥାନରେ ଦେଖିବାକୁ ମିଳେ । ଅଲ୍ଲାଃତାଲା ଆମମାନଙ୍କୁ ମଧ୍ୟ **ତୱକ୍କୁଲ୍**ର ସର୍ବୋଚ୍ଚ ସ୍ତର ପ୍ରାପ୍ତି କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a
25th   September  2026
*Translated to Odia by :* Moulavi Anwar Ahmad Khan